# ବୈଜ୍ଞାନିକ ଚେତନାହୀନତା

**ବୀରେନ୍ଦ୍ର ନାୟକ**

ବୈଜ୍ଞାନିକ ଚେତନା ବା Scientific Temperର ପରିଭାଷା ଅନୁସାରେ କୌଣସି ଜାଗତିକ ଘଟଣାର କାରଣ କୌଣସି ଦୈବୀ ଶକ୍ତି ହୋଇନପାରେ । ଦୈବୀଶକ୍ତିର ପ୍ରଭାବରେ ଘଟଣାଟି ଘଟିଛି ବୋଲି କୁହାଯିବା ଅର୍ଥ ବୈଜ୍ଞାନିକ ଚେତନାକୁ ବିଦ୍ରୁପ କରିବା ।

***<u>କେରଳରେ ବନ୍ୟା ବିପ୍ଳାତ୍</u>***

ନିକଟରେ କେରଳ ରାଜ୍ୟରେ ହୋଇଥିବା ବନ୍ୟା ବିପ୍ଳାତ ପାଇଁ ଯଦି କେରଳ ରାଜ୍ୟର ସବରିମାଲାରେ ପୂଜିତ ଦେବତା ଆୟାପ୍ପାନ୍‌ଙ୍କର ସମ୍ଭାବ୍ୟ ରୋଷକୁ କାରଣ ବୋଲି ଇଙ୍ଗିତ କରାଯାଏ ତାହାହେଲେ ଏହା ନିଶ୍ଚିତଭାବରେ ବୈଜ୍ଞାନିକ ଚେତନାର ପରିପନ୍ଥୀ । କିନ୍ତୁ ଏପରି ଇଙ୍ଗିତ ଇତ୍ୟବସରରେ କରାଯାଇଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଏକ ଅନୁବନ୍ଧିତ ସଂଗଠନ, ସ୍ୱଦେଶୀ ଜାଗରଣ ମଂଚର ପ୍ରବକ୍ତା, ସ୍ତମ୍ଭକାର, ଚାର୍ଟାର୍ଡ଼ ଆକାଉ । ତଥା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ବୋର୍ଡକୁ ମନୋନୀତ ନନ୍-ଅଫିସିଆଲ ନିର୍ଦ୍ଦେଶକ ସ୍ୱାମୀନାଥନ୍ ଗୁରୁମୂର୍ତ୍ତି ଶୁକ୍ରବାର (୧୭ ଅଗଷ୍ଟ ୨୦୧୮) ରାତିରେ ଟୁଇଟ କରି ଲେଖିଛନ୍ତି[୧],"ସୁପ୍ରିମକୋର୍ଟର ବିଚାରପତିମାନେ ଦେଖିବାକୁ ଚାହିଁପାରନ୍ତି ଯେ ଅଦାଲତରେ ଚାଲୁଥିବା ମାମଲା ଓ ଯାହା ସବରିମାଲାରେ ହେଉଛି ତାହା ଭିତରେ କୌଣସି ସମ୍ପର୍କ ଅଛି କି ? ଯଦି ସମ୍ପର୍କର ସମ୍ଭାବନା ଦଶ ଲକ୍ଷରେ ଗୋଟିଏ ବି ହୁଏ , ତାହାଲେ ଲୋକେ ଚାହିଁବେ ନାହିଁ ଯେ ମାମଲାରେ ରାୟ ଆୟାପ୍ପାନଙ୍କ ବିରୋଧରେ ଯାଉ ।" ଯେଉଁ ମାମଲା ପ୍ରତି ଗୁରୁମୂର୍ତ୍ତି ମହାଶୟ ଇଙ୍ଗିତ କରିଛନ୍ତି ତାହା ହେଉଛି ଆୟାପ୍ପାନଙ୍କ ମନ୍ଦିର ଭିତରକୁ ଋତୁମତୀ ବା ରଜସ୍ୱଳା ମହିଳା (୧୦ବର୍ଷରୁ ୫୦ବର୍ଷ ବୟସ)ଙ୍କ ପ୍ରବେଶ ଉପରେ ଥିବା କଟକଣା ବିରୋଧରେ ମାମଲା ଯାହାର ଶୁଣାଣି ସରିଛି ଓ ଯେ କୌଣସି ସମୟରେ ରାୟ ଆସିପାରେ । କିନ୍ତୁ ଶୁଣାଣୀ ସମୟରେ ମାନ୍ୟବର ସୁପ୍ରିମକୋର୍ଟ ଏହିଭଳି କଟକଣାକୁ ପ୍ରଶ୍ନ କରିଛନ୍ତି ଓ ମୁଖ୍ୟ ବିଚାରପତି ମାନ୍ୟବର ଦୀପକ ମିଶ୍ର ମନ୍ତବ୍ୟ ଦେଇଛନ୍ତି[୨], "ମହିଳାମାନେ ସେ ସବୁ ଉପସନାସ୍ଥଳକୁ ଯାଇପାରିବେ ଯେଉଁ ସ୍ଥଳ ଗୁଡ଼ିକୁ ଯିବାପାଇଁ ପୁରୁଷମାନଙ୍କୁ ଅନୁମତି ଅଛି ।" ସୁପ୍ରିମକୋର୍ଟର ଏହିପରି ମନ୍ତବ୍ୟରୁ ଗୁରୁମୂର୍ତ୍ତି ଆଶଙ୍କା କରିଛନ୍ତି ଯେ ରାୟ ହୁଏତ ମହିଳାମାନଙ୍କ ସପକ୍ଷରେ ଯିବ; ଲୋକଙ୍କ ବିଶ୍ୱାସର ଦ୍ୱାହି ଦେଇ ଏ ଭଳି ରାୟ ନ ଦେବା ପାଇଁ ସେ ମାନ୍ୟବର ଅଦାଲତକୁ ଯେପରି ଅନୁରୋଧ କରୁଛନ୍ତି । ମହିଳାଙ୍କ ପ୍ରବେଶ ପାଇଁ ଆବେଦନ ଓ ତାଙ୍କ ସପକ୍ଷରେ ସମ୍ଭାବ୍ୟ ମତ ମନ୍ତବ୍ୟ ଦ୍ୱାରା ଯେ ଦେବତା ଆୟାପ୍ପାନ କ୍ଷୁବ୍ଧ ହୋଇ ଏହିଭଳି ବନ୍ୟା ବିପ୍ଳାତ ଘଟାଇଛନ୍ତି, ଏହା ଲୋକଙ୍କ ବିଶ୍ୱାସ ବୋଲି ସେ ପ୍ରକାରାନ୍ତରେ ଇଙ୍ଗିତ କରିଛନ୍ତି । ଯଦିଓ ଆଉ ଏକ ଟୁଇଟରେ ସେ ନିଜକୁ ଆୟାପ୍ପାନଙ୍କ ଭକ୍ତ ନୁହନ୍ତି ବୋଲି ଘୋଷଣା କରନ୍ତି, କିନ୍ତୁ ତାଙ୍କର ଉକ୍ତ ଟୁଇଟକୁ ସମାଲୋଚନା କରିଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ସେ କଠୋର ଶବ୍ଦରେ ଟୁଇଟ କରନ୍ତି[୧] ଯେ "ଲୋକଙ୍କ ବିଶ୍ୱାସକୁ ସମାଲୋଚନା କରୁଥିବା ଭାରତୀୟ ବୁଦ୍ଧିଜୀବୀଙ୍କ ଛଳନା ଦ୍ୱାରା ମୁଁ ସ୍ତମ୍ଭୀଭୂତ । ଶତକଡ଼ା ୯୯ ଭାରତୀୟ ଭଗବାନଙ୍କୁ ବିଶ୍ୱାସ କରନ୍ତି । ଶତକଡ଼ା ୧୦୦, ଯାହା ଭିତରେ ଉଦାରପନ୍ଥୀ, ଧର୍ମନିରପେକ୍ଷ ବ୍ୟକ୍ତି ଓ ବୁଦ୍ଧିଜୀବୀ ଅଛନ୍ତି, ଜ୍ୟୋତିଷଶାସ୍ତ୍ରରେ ବିଶ୍ୱାସ କରନ୍ତି ।...ମୁଁ ସେମାନଙ୍କ ଭିତରେ ଯେଉଁମାନେ ଭଗବାନରେ ବିଶ୍ୱାସ କରନ୍ତି, ଜ୍ୟୋତିଷଶାସ୍ତ୍ରରେ ନୁହେଁ ।" ଏହା ଦର୍ଶାଏ ଯେ ଗୁରୁମୂର୍ତ୍ତି ମହାଶୟ ଲୋକଙ୍କ ବିଶ୍ୱାସକୁ ଅବିଶ୍ୱାସ କରନ୍ତି ନାହିଁ । କିନ୍ତୁ ସୁପ୍ରିମକୋର୍ଟ ଲୋକଙ୍କ ବିଶ୍ୱାସକୁ ନୁହେଁ ସମ୍ବିଧାନକୁ ସମ୍ମାନଦେଇ ତାଙ୍କର ରାୟ ଦେବେ, ଏହା ଗୁରୁମୂର୍ତ୍ତିଙ୍କ ଭଳି ଜଣେ ଅଭିଜ୍ଞ ବ୍ୟକ୍ତି ଯେ ଜାଣି ନଥିବେ, ଏପରି ଭାବିବା ନିର୍ବୋଧତା ହେବ । ତାହାହେଲେ କାହିଁକି ଏପରି ଟୁଇଟ କଲେ ଗୁରୁମୂର୍ତ୍ତି ମହାଶୟ ? ପ୍ରକୃତ କାରଣରୁ ଦୃଷ୍ଟିକୁ ବିଚ୍ୟୁତ କରିବା ପାଇଁ ନୁହେଁ ତ ?

ଗୁରୁମୂର୍ତ୍ତି ମହାଶୟ ଟୁଇଟ କରିବା ବେଳକୁ ଖବର ବାହାରିଲାଣି ଯେ କେରଳରେ ବନ୍ୟା ମନୁଷ୍ୟକୃତ । ଏବଂ ଏହି ମନ୍ତବ୍ୟ ଦେଇଥିଲେ ପ୍ରଖ୍ୟାତ୍ ପରିବେଶବିତ୍ , Indian Institute of Science, Bengaluruଠାରେ Centre for Ecological Sciences ର

ପ୍ରତିଷ୍ଠାତା ପ୍ରଫେସର ମାଧବ ଗାଡଗିଲ[୩] । ଏହି ମନ୍ତବ୍ୟ ବେଳେ ଜଣାପଡ଼ିଲା ଯେ ମାଧବ ଗାଡଗିଲ ପଶ୍ଚିମଘାଟର ପରିବେଶ ଉପରେ ଭାରତ ସରକାରଙ୍କୁ ସାତବର୍ଷ ତଳେ, ୨୦୧୧ ମସିହା, ଅଗଷ୍ଟ ୩୧ରେ ଦାଖଲ କରିଥିବା ରିପୋର୍ଟରେ (Report of the Western Ghats Ecology Expert Panel (WGEEP)) ଏହିଭଳି ବିପ୍ଳାତର ପୂର୍ବାନୁମାନ କରିଥିଲେ ଓ ବିଭିନ୍ନ ପ୍ରତିରୋଧକ ପଦକ୍ଷେପ ସୁପାରିଶ କରିଥିଲେ । କିନ୍ତୁ ଏହି ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରିଥିଲା ତତ୍କାଳୀନ କେରଳ ସରକାର । ତାଙ୍କ ମତରେ କେରଳରେ ବର୍ଷାର ତୀବ୍ରତା ଅଭୂତପୂର୍ବ ନଥିଲା, କିନ୍ତୁ ବେଆଇନ ପଥରଖୋଳା, ନଦୀର ପ୍ରବାହ ପଥକୁ ଅବରୋଧ କରି ବେଆଇନ ନିର୍ମାଣ, ତଥା ଜଙ୍ଗଲ ଅଂଚଳରେ ଅତିକ୍ରମଣ ଓ ଅଣଜଙ୍ଗଲ କ୍ରିୟାକଳାପରେ ବୃଦ୍ଧି ଫଳରେ ହିଁ କେରଳର ବନ୍ୟା ଏପରି ବିପର୍ଯ୍ୟୟ ଘଟାଇଲା[୪] । ଏହିଭଳି କ୍ରିୟାକଳାପକୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ ମାଧବ ଗାଡଗିଲ କମିଟି ତାଙ୍କ ରିପୋର୍ଟରେ ସୁପାରିଶ କରିଥିଲେ ଯାହାକୁ ଅଣଦେଖା କରିବାର ପରିଣତି ହିଁ ଏହି ବିପର୍ଯ୍ୟୟ । ଏହା ଜାଣିବା ଚକ୍ଷୁ ଉନ୍ମେଷକାରୀ ହୋଇପାରେ ଯେ ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ (ସେତେବେଳେ ପରିବେଶ ମନ୍ତ୍ରୀ ଥିଲେ ଜୟରାମ ରମେଶ (ମଇ ୨୦୦୯ରୁ ୧୨ ଜୁଲାଇ ୨୦୧୧) ମାଧବ ଗାଡଗିଲ କମିଟି ରିପୋର୍ଟର ସରକାରୀ ଉନ୍ମୋଚନ ହେଲା ନାହିଁ ବରଂ ଏହାର ସମୀକ୍ଷା ପାଇଁ ଏକ ଉଚ୍ଚସ୍ତରୀୟ କମିଟି କେ. କସ୍ତୁରୀରଙ୍ଗନଙ୍କ ଅଧ୍ୟକ୍ଷତାରେ ଗଠନ ହେଲା (ସେତେବେଳେ ପରିବେଶ ମନ୍ତ୍ରୀ ହେଲେଣି ଜୟନ୍ତୀ ନଟରାଜନ (୧୨ଜୁଲାଇ ୨୦୧୧ରୁ ଡିସେମ୍ବର ୨୦୧୩) ଓ କସ୍ତୁରୀରଙ୍ଗନ କମିଟି ତାଙ୍କ ରିପୋର୍ଟ (REPORT OF THE HIGH LEVEL WORKING GROUP ON WESTERN GHATS) ସରକାରଙ୍କୁ ୧୫ ଏପ୍ରିଲ ୨୦୧୩ରେ ଦାଖଲ କଲେ । କସ୍ତୁରୀରଙ୍ଗନ କମିଟି ରିପୋର୍ଟ, ଗାଡଗିଲ କମିଟି ରିପୋର୍ଟକୁ ବେଶ୍ ପାଣିଚିଆ କରିଦେଇଥିଲା । ଗାଡଗିଲ କମିଟିର ରିପୋର୍ଟ ବିରୋଧରେ ଯେତେବେଳେ କୁହାଯାଇଥିଲା ଯେ ଏହା ଅତ୍ୟଧିକ ପରିବେଶ ଅନୁକୂଳ ହୋଇଛି, କ୍ଷେତ୍ରର ବାସ୍ତବିକତା (ground realities) ସହିତ ସଂଗତିପୂର୍ଣ୍ଣ ହେଉନାହିଁ ତଥା ଏହାର ସୁପାରିଶଗୁଡ଼ିକ କାର୍ଯ୍ୟକାରୀ କରିବା ଦୃଷ୍ଟିରୁ ଅବ୍ୟବହାରିକ, କସ୍ତୁରୀରଙ୍ଗନ କମିଟି ରିପୋର୍ଟ ବିରୋଧରେ ଅଭିଯୋଗ ହେଲା ଯେ ଏହା ଅଗଣତାନ୍ତ୍ରିକ ଓ ପରିବେଶବିରୋଧୀ । ପଶ୍ଚିମଘାଟର ଶତକଡ଼ା ୬୪ଭାଗ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ବୋଲି ଗାଡଗିଲ କମିଟି ଚିହ୍ନଟ କରିଥିବାବେଳେ, କସ୍ତୁରୀରଙ୍ଗନ କମିଟି ଏହି ଅଂଶକୁ ଶତକଡା ୩୭କୁ ହ୍ରାସ କରିଥିଲେ[୫] । କହିବା ବାହୁଲ୍ୟ ଯେ ପରିବେଶକୁ ଧ୍ୱଂସ କରି ବିଭିନ୍ନ ଅର୍ଥକାରୀ ଯୋଜନା ବା ପ୍ରକଳ୍ପରେ ସକ୍ରିୟ ଥିବା ଗୋଷ୍ଠୀ ମାଧବ ଗାଡଗିଲ କମିଟି ରିପୋର୍ଟକୁ ବିରୋଧ କରିଥିଲେ ଓ ସଫଳ ମଧ୍ୟ ହୋଇଥିଲେ । ସେଇଥିପାଇଁ ବୋଧହୁଏ ସେ କୁହନ୍ତି[୬], "ଯଦି ଗଣତାନ୍ତ୍ରିକ ଶକ୍ତିଗୁଡିକ ପ୍ରଭାବୀ ହୋଇଥାନ୍ତେ, ଯଦି ଜନସାଧାରଣ ମିଥ୍ୟା ପ୍ରଚାର ଦ୍ୱାରା ପ୍ରଭାବିତ ହୋଇ ନଥାନ୍ତେ ଏବଂ ଯଦି WGEEP ରିପୋର୍ଟକୁ କାର୍ଯ୍ୟକାରୀ କରାଯାଇଥାନ୍ତା, ତାହାହେଲେ କେରଳ ଆଜି ଏହିଭଳି ଧ୍ୱଂସର କରାଳ ଦୃଶ୍ୟ ଦେଖୁ ନଥାନ୍ତା ।" ଏହା କହିବା ସହିତ ସେ ସତର୍କ କରାଇ ଦିଅନ୍ତି ଯେ ଗୋଆ ଓ ମହାରାଷ୍ଟ୍ରରେ ମଧ୍ୟ କେରଳରେ ଯାହାହେଲା, ତାହା ହୋଇପାରେ । ଯଦି ଏହା ମନୁଷ୍ୟକୃତ, ତାହହେଲେ ପରିବେଶକୁ ଧ୍ୱଂସ କରିବା ପାଇଁ ଯେଉଁମାନଙ୍କୁ ସରକାର ପୃଷ୍ଠପୋଷକତା ଯୋଗାଉଥିଲେ ସେମାନେ ହିଁ କେରଳର ବିପର୍ଯ୍ୟୟ ପାଇଁ ପ୍ରକୃତରେ ଦାୟୀ । ସେମାନେ ବି ଶାଳୀ ଓ ପ୍ରଭାବଶାଳୀ । ଯେତେବେଳେ ଏହି ବାସ୍ତବିକତା ଲୋକଙ୍କ ଭିତରେ ଉଜାଗର ହେବାର ସମ୍ଭାବନା ଦେଖାଯାଇଛି, ସେତେବେଳେ ବିପର୍ଯ୍ୟୟକୁ ଦୈବୀଶକ୍ତିର କ୍ରୋଧର ପରିଣତି ବୋଲି ଇଙ୍ଗିତ କରିବା ନିଶ୍ଚିତ ଭାବରେ ଦୃଷ୍ଟି ବିଚ୍ୟୁତକାରୀ । ଅସଲ ଅପରାଧୀଙ୍କୁ ଲୋକଲୋଚନର ଆଢୁଆଳକୁ ନେଇ ଯିବାର ଏକ ସଚେତନ ଉଦ୍ୟମ ବୋଲି ମନେହେବା ଅସମ୍ଭବ ନୁହେଁ , ବିଶେଷତଃ ଯେତେବେଳେ ଏହା ପଛରେ ଗୁରୁମୂ ଙ୍କ ଭଳି ଜଣେ ପ୍ରତିଷ୍ଠିତ ଶିକ୍ଷିତ ଓ ବୁଦ୍ଧିମାନ ବ୍ୟକ୍ତି ବିଦ୍ୟମାନ । ଗୁରୁମୂ ଙ୍କର ଏହି ଟୁଇଟ୍‌ର ପ୍ରତିକ୍ରିୟାରେ ସୁପ୍ରିମକୋର୍ଟର ବରିଷ୍ଠ ଅଧିବକ୍ତା ଇନ୍ଦିରା ଜୟସିଂହ ଅବଶ୍ୟ ଗୁରୁମୂ ମହାଶୟଙ୍କୁ ପରାମର୍ଶ ଦିଅନ୍ତି[୭] ସମ୍ବିଧାନ ପଢ଼ିବା ପାଇଁ ବିଶଷତଃ ଧାରା ୫୧ ଏ (ଏଚ୍), ଯେଉଁଠି ବୈଜ୍ଞାନିକ ଚେତନାକୁ ବିକଶିତ କରିବା ପ୍ରତ୍ୟେକ ନାଗରିକର ମୌଳିକ କ ବ୍ୟ ବୋଲି କୁହାଯାଇଛି । କହିବାବାହୁଲ୍ୟ ଯେ ଗୁରୁମୂ ଙ୍କର ଟୁଇଟ୍‌କୁ ଇନ୍ଦିରା ଜୟସିଂହ ମହାଶୟା ବୈଜ୍ଞାନିକ ଚେତନାର ପରିପନ୍ଥୀ ବୋଲି ବିଚାର କରିଛନ୍ତି ।

***<u>ପାପରୁ କାନ୍ସର !</u>***

ପାପ କଲେ ଫଳ ଭୋଗିବାକୁ ହୁଏ ଓ ଫଳ କ୍ୟାନ୍ସର ବା କର୍କଟରୋଗ ହୋଇପାରେ । ପାପ ଏ ଜନ୍ମର ହୋଇପାରେ, ପୂର୍ବ ଜନ୍ମର ହୋଇପାରେ । ବାପ-ମାଙ୍କ ପାପର ଫଳ ସନ୍ତାନ ସନ୍ତତି ଭୋଗ କରିପାରନ୍ତି । କିନ୍ତୁ ପାପର ଫଳ ନ ଭୋଗି ନିସ୍ତାର ନାହିଁ । ଏହା ହେଉଛି ଦୈବୀ ନ୍ୟାୟ ବା divine justice । ଏହା ହେଉଛି ଆସାମର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହିମନ୍ତ ବିଶ୍ୱଶର୍ମାଙ୍କର ମତ । ତାଙ୍କରି ଭାଷାରେ,

"ଆମେ ଯେତେବେଳେ ପାପକରୁ ଭଗବାନ ଆମକୁ ଦଣ୍ଡ ଦିଅନ୍ତି । ବେଳେବେଳେ ଆମେ ଦେଖୁ ଯୁବକମାନେ କ୍ୟାନ୍ସରରେ ଆକ୍ରାନ୍ତ ହେଉଛନ୍ତି ବା ଦୁର୍ଘଟଣାର ଶିକାର ହେଉଛନ୍ତି । ଯଦି ଆପଣମାନେ ପୃଷ୍ଠଭୂମି ଉପରେ ଦୃଷ୍ଟି ଦେବେ, ତାହାହେଲେ ଜାଣିବେ ଯେ ଏହା ହେଉଛି ଦୈବୀ ନ୍ୟାୟ (divine justice), ଅନ୍ୟ କିଛି ନୁହେଁ । ସେହି ଦୈବୀ ନ୍ୟାୟକୁ ଭୋଗିବାକୁ ହେବ । " ୪୯ବର୍ଷୀୟ ବିଶ୍ୱଶର୍ମା ମହାଶୟ ଜଣେ ପି ଏଚ୍ ଡି ଡିଗ୍ରୀଧାରୀ ଅର୍ଥାତ୍ ଉଚ୍ଚଶିକ୍ଷିତ । ୨୦୦୧ରୁ ୨୦୧୫ଯାଏ ସେ ଥିଲେ କଂଗ୍ରେସ ଦଳର ବିଧାୟକ ଓ ବିଭିନ୍ନ ବିଭାଗର (ଯେପରି କୃଷି; ଯୋଜନା ଓ ବିକାଶ; ଅର୍ଥ; ସ୍ୱାସ୍ଥ୍ୟ ଓ ଶିକ୍ଷା) ମନ୍ତ୍ରୀ ମଧ୍ୟ ହୋଇଥିଲେ । ଶିକ୍ଷା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଭାବେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ[୯] ।  ମଇ ୨୦୧୬ରୁ ସେ ଭାରତୀୟ ଜନତାପାର୍ଟିର ବିଧାୟକ ଓ ମନ୍ତ୍ରୀ ଭାବେ କାର୍ଯ୍ୟରତ । ରାଜନୀତିରେ ପ୍ରବେଶ ପୂର୍ବରୁ ସେ ଥିଲେ ଆସାମ ହାଇକୋର୍ଟରେ ଜଣେ ଅଧିବକ୍ତା । ଏହିଭଳି ଶୈକ୍ଷିକ ଓ ବୃ ିଗତ ପୃଷ୍ଠଭୂମିର ଅଧିକାରୀ ହିମନ୍ତ ବିଶ୍ୱଶର୍ମା ବିଶ୍ୱାସ କରିବା ଓ ସର୍ବସାଧାରଣରେ କହିବା ଯେ ପାପ କରିବା ଦ୍ୱାରା କ୍ୟାନ୍ସର  ହେଉଛି ଓ ଭଗବାନଙ୍କ ରୋଷରୁ  ହେଉଛି  ନିଶ୍ଚିତ ଭାବରେ ଅନେକଙ୍କୁ ବିସ୍ମିତ କରିଛି, କ୍ଷୁବ୍ଧ କରିଛି[୧୦] । ପ୍ରଶ୍ନ ଉଠିଛି[୧୧] ଯେ ତାହାହେଲେ ଭାରତରେ ୧୪ଲକ୍ଷ କ୍ୟାନ୍ସର ରୋଗୀ କଣ ପାପୀ ? ବିଶ୍ୱଶର୍ମା ମହାଶୟ କ'ଣ ତାଙ୍କର ନୂତନ ରାଜନୈତିକ ପରିଚ୍ଛଦରେ ହରାଇ ବସିଛନ୍ତି ବୈଜ୍ଞାନିକ ଚେତନା ? ଏହିଭଳି ମାନସିକତା କ୍ୟାନ୍ସର ରୋଗୀଙ୍କ ପ୍ରତି ଆବଶ୍ୟକ ସମ୍ବେଦନଶୀଳତାକୁ ଲଘୁ କରିଦେବ ନାହିଁ କି ? ସେ କ'ଣ ଜାଣିନାହାଁନ୍ତି  ଯେ କ୍ୟାନ୍ସର ପାଇଁ ରାସାୟନିକ ସାର ଓ କୀଟନାଶକର ବ୍ୟବହାର ବହୁଳ ପରିମାଣରେ  ଦାୟୀ[୧୨], ବାୟୁ ପ୍ରଦୂଷଣ ଦାୟୀ[୧୩], ଧୂମ୍ରପାନ ଦାୟୀ ? କିନ୍ତୁ ବିଶ୍ୱଶର୍ମା ମହାଶୟ ଯେଉଁ ମନ୍ତବ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଦେଇଛନ୍ତି ତାହା ନିଶ୍ଚିତ ଭାବରେ ରାସାୟନିକ ସାର ଓ କୀଟନାଶକ ବ୍ୟବସାୟୀମାନଙ୍କୁ ଆଶ୍ୱସ୍ତ କରୁଥିବ । ଯେଉଁମାନେ ରାସାୟନିକ ସାର ଓ କୀଟନାଶକର ବ୍ୟବହାରକୁ କ୍ୟାନ୍ସର ପାଇଁ ଦାୟୀ କରୁଛନ୍ତି, ସବୁଜବିପ୍ଳବର ପରିଣତି ଭାବେ ପଂଜାବର ଭଟିଣ୍ଡାଠାରୁ ରାଜସ୍ଥାନର ବିକାନିର ସହରକୁ ଚାଲୁଥିବା କ୍ୟାନ୍ସର ଟ୍ରେନର ନଜିର ଦେଉଛନ୍ତି ଓ ଜୈବିକ କୃଷିକୁ ଆଦରିବା ପାଇଁ ସ୍ୱର ଉ ାଳନ କରୁଛନ୍ତି, ସେମାନଙ୍କୁ ନିରସ୍ତ କରାଇବା ପାଇଁ ଏହି ବ୍ୟବସାୟୀମାନେ ସ୍ୱାସ୍ଥ୍ୟ ମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କର ଉକ୍ତିକୁ ଉଦ୍ଧାର କରିବେ । କ୍ୟାନ୍ସର ପାଇଁ ରାସାୟନିକ ସାର ଓ କୀଟନାଶକ ନୁହେଁ, ଏହାର ବ୍ୟବସାୟ କରୁଥିବା ବ୍ୟବସାୟୀ ନୁହନ୍ତି, ସବୁଜ ବିପ୍ଳବର ପ୍ରଣେତାମାନେ ନୁହନ୍ତି ବରଂ ଏଥିପାଇଁ ପୀଡ଼ିତ ବ୍ୟକ୍ତି ହିଁ ଦାୟୀ, ତାର କୃତ ପାପକର୍ମ ପାଇଁ ସେ ହିଁ ଦାୟୀ !

***ଉପସଂହାର***

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଅନୁବନ୍ଧିତ ସ୍ୱଦେଶୀ ଜାଗରଣ ମଂଚର ସହ-ଆବାହକ ଓ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆରେ ନିର୍ଦ୍ଦେଶକ ଭାବେ ସଦ୍ୟ ମନୋନୀତ ସ୍ୱାମୀନାଥନ ଗୁରୁମୂ ି ହୁଅନ୍ତୁ ବା ଭାରତୀୟ ଜନତା ପାର୍ଟିର ସଦ୍ୟ ସଦସ୍ୟ ମନ୍ତ୍ରୀ ଡକ୍ଟର ହିମନ୍ତ ବିଶ୍ୱଶର୍ମା ହୁଅନ୍ତୁ, ଉଭୟ ଯେପରି କହୁଛନ୍ତି-ବ୍ୟବସ୍ଥାର ଦୋଷରୁ ନୁହେଁ, ବ୍ୟକ୍ତି ତା' ନିଜ କୃତ କର୍ମରୁ ଅବା ଭଗବାନଙ୍କ ବରାଦରେ ହିଁ ଦୁର୍ଦ୍ଦଶା ଭୋଗୁଛି । ଏକ ସାମନ୍ତବାଦୀ ସମାଜରେ ଏହି ଧାରଣାର ହିଁ ଆଧିପତ୍ୟ ଥାଏ । ରାଜା ରାଜୁଡା ଶାସନରେ ଶାସକ ଶାସିତର ଦୁର୍ଦ୍ଦଶା ତାହାର କର୍ମଫଳ ବୋଲି ବୁଝାଇଥାଏ, କପାଳ ଲିଖନ ବୋଲି ବୁଝାଇଥାଏ । ଗଣତାନ୍ତ୍ରିକ ସମାଜରେ ଶାସନତନ୍ତ୍ର ସହ ସମ୍ପୃକ୍ତ ବ୍ୟକ୍ତି ଏପରି ଧାରଣା ସର୍ବସାଧାରଣରେ ପ୍ରକାଶ କରିବା ପାଇଁ ସଂକୋଚ କରେ । କିନ୍ତୁ ଯଦି ଗଣତନ୍ତ୍ର ଏକ ବାହ୍ୟିକ ଧାରଣା, ଭାରତୀୟ ନୁହେଁ ବୋଲି ବିଚାର ଉପରେ ଶାସନତନ୍ତ୍ର ଠିଆହୁଏ , ତାହାହେଲେ ସାମନ୍ତବାଦୀ ସମାଜର ପ୍ରଚଳିତ ଅବୈଜ୍ଞାନିକ ଧାରଣା, ଏହିଭଳି ଶାସନତନ୍ତ୍ରର ପୃଷ୍ଠପୋଷକତା  ପାଉଥିବା ବ୍ୟକ୍ତିମାନଙ୍କ ମୁହଁରେ ସର୍ବସାଧାରଣରେ ପ୍ରକାଶ ପାଇବାରେ ସଂକୋଚ କେଉଁଠି । କାରଣ ବୈଜ୍ଞାନିକ ଚେତନା ଯେ ଗଣତନ୍ତ୍ରକୁ ସୁଦୃଢ଼ କରେ ।  ବୈଜ୍ଞାନିକ ଚେତନା ପ୍ରତି ନିଷ୍ଠାପର ହେବା ଏହି ବ୍ୟକ୍ତିମାନଙ୍କଠାରୁ ଆଶା କରିବା ତେଣୁ ନିରର୍ଥକ ! କିନ୍ତୁ ଏହି ପ୍ରଭାବଶାଳୀ କ୍ଷମତାସୀନ ବ୍ୟକ୍ତିମାନଙ୍କର ଏପରି ଅବୈଜ୍ଞାନିକ ଚେତନା ସେମାନଙ୍କୁ ଶକ୍ତି ଯୋଗାଏ ଯେଉଁମାନେ ପ୍ରକୃତରେ ମଣିଷର ଦୁର୍ଦ୍ଦଶା ପାଇଁ ।

***ବ୍ୟବହୃତ ଉପାଦାନ ସୂଚୀ***


୧ ...and those who fish in flood waters,Our Bureau Aug 19, 2018 ,https://www.telegraphindia.com/india/and-those-who-fish-in-flood-waters-253114

୨.Sabarimala temple case: SC backs women, says they have same right as men to enter temple,BY , ET BUREAU | UPDATED: JUL 19, 2018,https://economictimes.indiatimes.com/news/politics-and-nation/sabarimala-temple-case-sc-bac..

૩. Kerala floods is man-made calamity: Madhav Gadgil, IndiaToday.in• Kottayam/Thiruvananthapuram ,• August 17, 2018 • UPDATED: August 17, 2018 13:59, https://www.indiatoday.in/kerala-floods/story/kerala-floods-is-man-made-calamity-madhav-gadgil-1316713-2018-08-17

૪.Kerala floods: Environmentalist Gadgil says it is also a man-made disaster - Times of India https://timesofindia.indiatimes.com/india/kerala-floods-environmentalist-gadgil-says-it-is-also-..2 of 2, 8/21/2018 8:56 PM"

૫.Gadgil Committee - Wikipedia https://en.wikipedia.org/wiki/Gadgil_Committee 3 of 4 8/22/2018 7:36 PM

૬.Ecologist Madhav Gadgil warns of Kerala-type flooding in Maharashtra and Goa - Times of India https://timesofindia.indiatimes.com/city/pune/gadgil-warns-of-kerala-type-flooding-in-maha-and.2 of 3 8/21/2018 8:57 PM

૭.Indira jaising on Twitter: "Mr Gurumurthy, read theConstitution: Fundamental Duties Ar 51A (h) ... https://twitter.com/IJaising/status/1030775957911687169 1 of 1 8/21/2018 9:22 PM

૮.People have cancer because of their sins, this is divine justice: Assam health minister - Times of ... https://timesofindia.indiatimes.com/india/people-have-cancer-because-of-their-sins-this-is-divin..)

૯.Himanta Biswa Sarma - Wikipedia https://en.wikipedia.org/wiki/Himanta_Biswa_Sarma

૧૦.Outrage after India minister terms cancer 'divine justice' - BBC News https://www.bbc.com/news/world-asia-india-42091347 ,1 of 8 8/22/2018 12:07 PM)

૧૧.Mr Minister, do you mean 1.4 million cancer patients in India are sinners? https://www.downtoearth.org.in/news/mr-minister-do-you-mean-1-4-million-cancer-patients-in-i..

૧૨.Pesticides and Cancer: The "Love Affair" Continues https://thetruthaboutcancer.com/pesticides-and-cancer/1 of 10 8/22/2018 12:18 PM.

૧૩.Air Pollution Is a Leading Cause of Cancer - Scientific American

https://www.scientificamerican.com/article/air-pollution-a-leading-cause-of-ca/2 of 11 8/22/2018 12:28